ଧରିତ୍ରୀ
DHARITRI
ଗୁରୁବାର, ଫେବୃୟାରୀ ୪/୨୦୨୧ | Thursday, February 4/2021 | ପୃଷ୍ଠା-୧



## କ୍ୱାର୍ଟର ଫାଇନାଲରେ ବାର୍ଟି

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୂର୍ବରୁ ଅନୁଷ୍ଠିତ ୟାରା ଭାଲି କ୍ଲାସିକ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟି।

୧୧

୧୩

## କାଜଲଙ୍କୁ ଷ୍ଟଣ୍ଟ ନିଶା

କାଜଲ ଅଗ୍ରୱାଲଙ୍କୁ ଏବେ ଷ୍ଟଣ୍ଟ ନିଶା ଘାରିଛି। ଫିଲ୍ମରେ ଷ୍ଟଣ୍ଟ ପାଇଁ ସେ ଟ୍ରେନିଂ ନେବା ଆରମ୍ଭ କରିଦେଲେଣି।



# ଝାରସୁଗୁଡ଼ାରେ ହେବ କୋଲ୍ ଟ୍ରିବ୍ୟୁନାଲ

ଭୁବନେଶ୍ୱର/ଝାରସୁଗୁଡା (ଡି.ଏନ୍.ଏ.)

୩।୨: ଝାରସୁଗୁଡାରେ ଏକ କୋଲ୍ ବିୟରିଂ ଟ୍ରିବ୍ୟୁନାଲ (ସିବିଟି) ସ୍ଥାପନ ନେଇ କେନ୍ଦ୍ର ସରକାର ବୁଧବାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। କୋଇଲା ଖଣି ମାମଲାଗୁଡିକର ସମାଧାନ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣାପଡିଛି। ବିଶେଷ କରି କୋଇଲା ଖଣି କ୍ଷତିପୂରଣ ଏବଂ ପୁନର୍ବାସ ମାମଲା ଏହା ମଧ୍ୟରେ ସାମିଲ ରହିଛି। ଏଭଳି ନିଷ୍ପତ୍ତି ଦ୍ୱାରା ସମ୍ବଲପୁର, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲାରେ କୋଇଲା ଖଣି ଅଞ୍ଚଳର ଜମି ମାମଲାଗୁଡିକରେ ଲୋକଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି। କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ(ଏମ୍‌ସିଏଲ୍)କୁ ଏ ନେଇ ଏକ ସର୍କୁଲାର ଜାରି କରିଛି। ଏହି ଟ୍ରିବ୍ୟୁନାଲ ୨୦୨୨ ସେପ୍ଟେମ୍ବର ୩୦ ଯାଏ ଅସ୍ଥାୟୀ ଭାବେ କାର୍ଯ୍ୟ କରିବ ବୋଲି ସର୍କୁଲାରରେ ପ୍ରକାଶ ପାଇଛି। ତୁରନ୍ତ ଏହି ଟ୍ରିବ୍ୟୁନାଲ ସ୍ଥାପନ ନେଇ ପଦକ୍ଷେପ ଗ୍ରହଣ କରାଯିବ। ଝାରସୁଗୁଡା ଜିଲାରେ ଏକ କୋଲ୍ ବିୟରିଂ ଟ୍ରିବ୍ୟୁନାଲ୍ ଖୋଲିବା ପାଇଁ ବରଗଡ ଏମ୍‌ପି ସୁରେଶ ପୂଜାରୀ ଗତ ସେପ୍ଟେମ୍ବର ୨୦ତାରିଖରେ ପାର୍ଲାମେଣ୍ଟରେ ☞ପୃଷ୍ଠା-୨

# ତାରବାଡ଼ରୁ ଛବି ମଳିନ

## ଅଧିକାର ମାଗୁଥିବା ଲକ୍ଷାଧିକ ଚାଷୀଙ୍କୁ ପୋଲିସ ଘେରିଛି

## କୃଷକ ଆନ୍ଦୋଳନକୁ ମିଳିଲା ଅନ୍ତର୍ଜାତୀୟ ସମର୍ଥନ

ନୂଆଦିଲ୍ଲୀ,୩।୨

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ଦେଶରେ ନାହିଁ ନ ଥିବା ଅଚଳାବସ୍ଥା ସୃଷ୍ଟି କରିଛି। ଏହି କୃଷକ ବିରୋଧୀ ଆଇନକୁ ପ୍ରତ୍ୟାହାର ସହ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ନିଶ୍ଚିତ କରିବା ଲାଗି ନୂଆ ଆଇନ ପ୍ରଣୟନ କରାଯାଉ ବୋଲି ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନରତ ଚାଷୀଙ୍କୁ ପୋଲିସ ଘେରିଛି। ସେମାନେ ଯେପରି ବାହାରକୁ ଯାଇପାରିବେନି କି ବାହାରୁ କେହି ଆନ୍ଦୋଳନସ୍ଥଳକୁ ଆସିପାରିବେ ନାହିଁ ତାହା ସୁନିଶ୍ଚିତ କରିବା ଲାଗି ଦିଲ୍ଲୀ ସୀମାରେ ବ୍ୟାରିକେଡ୍ ନାମରେ ସୃଷ୍ଟି କରାଯାଇଛି ଅଭୂତପୂର୍ବ ପ୍ରତିବନ୍ଧକ। ସିମେଣ୍ଟ କଂକ୍ରିଟ୍ ନିର୍ମାଣ ସହ ତାରଜାଲିର ବାଡ଼ ନିୟନ୍ତ୍ରଣରେଖା (ଏଲ୍‌ଓସି)ର ଭ୍ରମ ସୃଷ୍ଟି କରୁଛି। କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦା କରାଯାଇଛି। ମୋଟାମୋଟି ଭାବେ ଏହି ଚିତ୍ର ବିଶ୍ୱରେ ଭାରତର ଛବିକୁ ମଳିନ କରିଛି। ଏହାକୁ ଦେଖି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ☞ପୃଷ୍ଠା-୨



### ଟୁଇଟରକୁ ଆଇଟି ମନ୍ତ୍ରଣାଳୟର ଚେତାବନୀ

ନୂଆଦିଲ୍ଲୀ, ୩।୨: ଚାଷୀ ଆନ୍ଦୋଳନ ସମର୍ଥନରେ ବିବାଦୀୟ ହାସ୍‌ଟ୍ୟାଗ୍ ଲଗାଇ ଟୁଇଟ କରାଯାଉଥିବା ନେଇ ଇଲେକ୍ଟ୍ରୋନିକ୍ସ ଓ ଇନଫର୍ମେଶନ ଟେକ୍ନୋଲୋଜି (ଆଇଟି) ମନ୍ତ୍ରଣାଳୟ ପକ୍ଷରୁ ଟୁଇଟରକୁ ଚେତାବନୀ ଦିଆଯାଇଛି। ଯଦି ବିବାଦୀୟ ହାସ୍‌ଟ୍ୟାଗ୍ କିମ୍ବା ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ଉପରେ ଟୁଇଟର ରୋକ ନ ଲଗାଏ ତେବେ ସରକାରଙ୍କ ପକ୍ଷରୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରଣାଳୟ କହିଛି। କେନ୍ଦ୍ର ସରକାରଙ୍କ ଅଭିଯୋଗ କ୍ରମେ ସୋମବାର ୨୫୦ ଟୁଇଟର ଆକାଉଣ୍ଟକୁ ବ୍ଲକ୍ କରାଯାଇଥିଲା। କିନ୍ତୁ ପରେ ସେଥିରୁ ଆନ୍ଦୋଳନକୁ ସମର୍ଥନ କରୁଥିବା କେତେଜଣଙ୍କ ଆକାଉଣ୍ଟକୁ ଅନ୍‌ବ୍ଲକ କରିଦିଆଯାଇଥିବାରୁ ଟୁଇଟରକୁ ନୋଟିସ ପଠାଯାଇଛି। ଆଇଟି ଆକ୍ଟ ଧାରା ୬୯ ଏ ଅନୁଯାୟୀ ୨୫୭ ୟୁଆରଏଲ୍ ଓ ଏକ ହାସ୍‌ଟ୍ୟାଗ୍‌କୁ ବ୍ଲକ୍ କରାଯିବାକୁ ମନ୍ତ୍ରଣାଳୟ ପକ୍ଷରୁ ଅନ୍ତରୀଣ ନିର୍ଦ୍ଦେଶ ଦିଆଯାଇଛି। ଏହା ଦ୍ୱାରା ଆନ୍ଦୋଳନ ସମ୍ପର୍କରେ ଭୁଲ୍ ତଥ୍ୟ ପ୍ରଘଟ କରାଯାଉଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଚାଷୀଙ୍କ ସମର୍ଥନରେ ସେଲିବ୍ରିଟି



ପପ୍ ଷ୍ଟାର ରିହାନା



ଗ୍ରେଟା ଥନବର୍ଗ



ମୀନା ହାରିସ୍



ମିଆ ଖଲିଫା

ନୂଆଦିଲ୍ଲୀ, ୩।୨

ନୂଆ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ୨ ମାସରୁ ଅଧିକ ସମୟ ଧରି କୃଷକମାନେ ଆନ୍ଦୋଳନ ଚଳାଇଥିବାବେଳେ ସେମାନଙ୍କ ସମର୍ଥନରେ ବାହାରିଛନ୍ତି ଆମେରିକା ପପ୍ ଷ୍ଟାର ରିହାନା। 'ଆମେ କାହିଁକି ଏ ବିଷୟରେ କଥା ହେଉନାହୁଁ? ହାସ୍‌ଟ୍ୟାଗ ଫାର୍ମର୍ସ ପ୍ରୋଟେଷ୍ଟ' ଲେଖି ରିହାନା ପ୍ରଥମେ ଟୁଇଟ୍ କରିଥିଲେ। ପରେ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ସେଲିବ୍ରିଟିଙ୍କ ସମେତ ସ୍ୱିଡେନର ପରିବେଶ କର୍ମୀ ଗ୍ରେଟା ଥନବର୍ଗ, ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଭାଣିଜୀ ତଥା ଆମେରିକାରେ ଓକିଲ ଥିବା ମୀନା ହାରିସ୍ ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଆମେ ସମସ୍ତେ ଭାରତରେ ଆନ୍ଦୋଳନ ଚଳାଇଥିବା କୃଷକଙ୍କ ସହ ଅଛୁ ବୋଲି ଗ୍ରେଟା ଟୁଇଟ୍ କରିଛନ୍ତି। ପୋଲିସ ସହ ମୁହାଁମୁହିଁ ହେବା ପରେ ଦିଲ୍ଲୀରେ ଚାଷୀମାନଙ୍କ ପାଇଁ ଇଣ୍ଟରନେଟ ସେବା ବନ୍ଦ କରାଯିବା ନେଇ ସିଏନ୍‌ଏନ୍‌ରେ ପ୍ରକାଶିତ ଖବରକୁ ସେ ଟ୍ୟାଗ୍ କରିଛନ୍ତି। ସେହିପରି 'ଆମେ ସମସ୍ତେ କୃଷକ ବିରୋଧୀ କାର୍ଯ୍ୟ ତଥା ଆନ୍ଦୋଳନକାରୀ ଚାଷୀଙ୍କ ବିପକ୍ଷରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ☞ପୃଷ୍ଠା-୨

# ଆମାଜନ ସିଇଓ ପଦବୀରୁ ଓହରିଲେ ଜେଫ୍ ବେଜୋସ୍



ନୂଆଦିଲ୍ଲୀ, ୩।୨

ପ୍ରମୁଖ ଅନ୍‌ଲାଇନ ରିଟେଲର ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ୍ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ପଦବୀରୁ ଓହରିବା ନେଇ ବୁଧବାର ଘୋଷଣା କରିଛନ୍ତି। ଚଳିତ ବର୍ଷ ତୃତୀୟ ତ୍ରୈମାସ ଯାଏ ସେ ଦାୟିତ୍ୱରେ ରହିବେ। ସେ ଦୀର୍ଘ ୨୭ ବର୍ଷ ଧରି କମ୍ପାନୀର ସିଇଓ ଭାବେ କାର୍ଯ୍ୟ କରିଛନ୍ତି। ବେଜୋସ୍ ଆମାଜନର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ନୂଆ ଦାୟିତ୍ୱ ଗ୍ରହଣ କରିବେ। ସେହିଭଳି ସେ କମ୍ପାନୀର ସର୍ବବୃହତ୍ ଅଂଶୀଦାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ମହୁ ଅପମିଶ୍ରଣ**

# ଓଡ଼ିଶାରେ ଆନ୍ଧ୍ର ନିର୍ବାଚନ

ପଟ୍ଟାଙ୍ଗୀ,୩।୨(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଲାଗିଥିବା ବିବାଦ ଏଯାଏ ତୁଟିନାହିଁ। ଏପରି ସ୍ଥଳେ ଓଡିଶା ସରକାର ଏହି ପଞ୍ଚାୟତରେ କିପରି ବିକାଶମୂଳକ କାର୍ଯ୍ୟ ହୋଇପାରିବେ ସେନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ୧୫୦ କୋଟି ଟଙ୍କାର ପ୍ୟାକେଜରେ କୋଟିଆ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆଗେଇ ଚାଲିଛି। ତେବେ ଆନ୍ଧ୍ର ସରକାର ମଧ୍ୟ ପଛରେ ପଡ଼ିନାହାନ୍ତି। କୋଟିଆ ପଞ୍ଚାୟତର ୩ଟି ଗ୍ରାମକୁ ଆନ୍ଧ୍ର ପଞ୍ଚାୟତ ରୂପେ ଘୋଷଣା କରି ଏଠାରେ ପ୍ରଥମ ଥର ପାଇଁ ପଞ୍ଚାୟତ ନିର୍ବାଚନ କରିବାକୁ ନାମାଙ୍କନପତ୍ର ଦାଖଲ କାର୍ଯ୍ୟ ଆଗେଇ ନେଇଛି।

ଖବରରୁ ଜଣାପଡିଛି ଓଡ଼ିଶା ସରକାରଙ୍କ ପକ୍ଷରୁ କୋଟିଆ ପଞ୍ଚାୟତରେ

**କୋଟିଆ ପଞ୍ଚାୟତ**

୧୦ ଶଯ୍ୟା ବିଶିଷ୍ଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ, କ୍ଲଷ୍ଟର ଗୃହ, ଗଞ୍ଜେଇପଦର ଗ୍ରାମ ନିକଟରେ ଛାତ୍ରାବାସ ଗୃହ ଏବଂ ଆର ଆଣ୍ଡ ବି ପକ୍ଷରୁ ଥୁରିଆ ଗ୍ରାମଠାରୁ କୋଟିଆ ପଞ୍ଚାୟତଯାଏ ପିଚୁ ରାସ୍ତା ନିର୍ମାଣ, ଆର୍‌ଡି ବିଭାଗ ପକ୍ଷରୁ କୋଟିଆଠାରୁ ମାଡକାର ଯାଏ ରାସ୍ତା ଓ ଅଫିସ କମ୍ପ୍ଲେକ୍ସ ଶେଷ ହୋଇଛି। ଏହାକୁ ଆସନ୍ତା ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରାଇବାକୁ ଜିଲା ପ୍ରଶାସନ, ଦଳୀୟ ବିଧାୟକ ଓ ରାଜନେତାମାନେ ଯୋଜନା କରିଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ରର ବିଜୟନଗରମ ଜିଲା ପ୍ରଶାସନ ସାଲୁର ବ୍ଲକର କୁରୁକୁଟି ଓ ତନମ ଦୁଇ ପଞ୍ଚାୟତ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟ ଫେବୃୟାରୀ ୨ରୁ ୪ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ୫, ୬ ଏବଂ ୭ରେ ନାମାଙ୍କନ ପତ୍ର ଯାଞ୍ଚ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ସେହିପରି ୧୩ରେ ☞ପୃଷ୍ଠା-୨




# ପୋଷ୍ଟିଂ ଅର୍ଡର ନ ଆସୁଣୁ ଜଏନିଂ

## ପୋଲିସ ବିଭାଗରେ ଚୌକି ଦଖଲ ଦୌଡ଼

- ୩୦୧ ଇନ୍ସପେକ୍ଟରଙ୍କୁ ମିଳିଥିଲା ପଦୋନ୍ନତି
- କେତେଜଣ ଆଗୁଆ ଜଏନ୍ କରିଥିବା ସୂଚନା

ଭୁବନେଶ୍ୱର,୩।୨(ବ୍ୟୁରୋ)

ପୋଲିସ ବିଭାଗରେ ଏବେ ଅଜବ ଘଟଣା ନଜରକୁ ଆସିଛି। ଆଇନକାନୁନ, ନୀତିନିୟମ ପାଳନ ପାଇଁ କାର୍ଯ୍ୟ କରୁଥିବା ଏହି ବିଭାଗରେ ବଡ଼ ବ୍ୟତିକ୍ରମ ଘଟିଛି। ପଦୋନ୍ନତି ପାଇଥିବା କେତେଜଣ ବାବୁ ଗାଦି ଲୋଭରେ ନୀତିନିୟମକୁ ଜଳାଞ୍ଜଳି ଦେଇ ପୋଷ୍ଟିଂ ଅର୍ଡର ନ ଆସୁଣୁ ଚୌକି ଦଖଲ କରିଛନ୍ତି। ସେମାନଙ୍କ ମନରେ ଦାମୀ ଚୌକି ଖସି ଯିବାର ଭୟ ବି ଘାରିଛି। ଏବେ ବି ଡେପୁଟେଶନରେ ଥିବା କିମ୍ବା ଅନ୍ୟ କୌଣସି କାରଣରୁ ଆଉକେତେଜଣ ଅଫିସର ପଦୋନ୍ନତି ପାଇନାହାନ୍ତି। ସେମାନେ କାଳେ କୋର୍ଟଙ୍କ ଆଶ୍ରୟ ନେଇ ପଦୋନ୍ନତି ଓ ନୂଆ ପୋଷ୍ଟିଂ ଉପରେ ଅଙ୍କୁଶ ଲଗାଇଦେବେ, ସେପରି ଆଶଙ୍କା କରି ଏମାନେ ଆଗୁଆ ଜଏନ୍ କରିଛନ୍ତି। ପୋଲିସବାବୁଙ୍କ ଏପରି ଆଧିପତ୍ୟକୁ ନେଇ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ସେମାନେ ଖୋଲାଖୋଲି ମୁହଁ ନ ଖୋଲୁଥିଲେ ମଧ୍ୟ ଉଚ୍ଚ ଅଧିକାରୀଙ୍କ ନିକଟରେ କଥା ପହଞ୍ଚିଥିବା ସୂଚନା ମିଳିଛି।

ନିକଟରେ ଓଡ଼ିଶା ପୋଲିସରେ ଏକ ବଡ଼ଧରଣର ପଦୋନ୍ନତି କରାଯାଇଥିଲା। ଏକକାଳୀନ ୩୦୧ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଥିବା ନେଇ ଗତ ୩୦ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଯାଏ ଏମାନଙ୍କ ନୂଆ ପୋଷ୍ଟିଂ ସଂକ୍ରାନ୍ତରେ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା, ପୋଷ୍ଟିଂ ଆସିବା ପୂର୍ବରୁ ଡିଏସ୍‌ପି ଇନ୍‌ଚାର୍ଜ ଥିବା କେତେଜଣ ଅଧିକାରୀ ନୂଆ ପଦରେ ଜଏନ୍ କରିସାରିଲେଣି। ଏଠାରେ ପ୍ରଶ୍ନ ଉଠୁଛି, ଅର୍ଡର ନ ଆସିବା ପୂର୍ବରୁ ସେମାନେ ନିଜ ପୋଷ୍ଟିଂ ସମ୍ପର୍କରେ କିପରି ଜାଣିଲେ? ନା ଚୌକି ଆଉ କିଏ ନେଇଯିବ ଭାବି ଏପରି ଆଗୁଆ ଜଏନ୍ କରିଛନ୍ତି। କୋରାପୁଟ, ମାଲକାନଗିରି ଆଦି ମାଓବାଦୀ ପ୍ରଭାବିତ ଅଞ୍ଚଳକୁ ଠେଲି ହୋଇଯିବାର ଭୟ ରଖି କେତେଜଣ ଅଫିସର ନିଜର ଯୋଗଦାନପତ୍ର ଦେଇଛନ୍ତି ବୋଲି କୌତୂହଳରେ ତାଙ୍କ ବନ୍ଧୁମାନେ କହୁଛନ୍ତି। ଏହାକୁ ନେଇ ଅନ୍ୟ ଅଧିକାରୀଙ୍କ ମଧ୍ୟରେ ନାନା ଗୁଞ୍ଜରଣ ଚାଲିଥିବାବେଳେ ଆଉ କେହି ଉପର ମହଲରୁ ଆଗୁଆ ଜଏନିଂ ପାଇଁ ଇଙ୍ଗିତ ଆସିଥିବା ଆଲୋଚନା କରୁଛନ୍ତି। ପଦୋନ୍ନତି ବିଜ୍ଞପ୍ତି ଗୃହ ବିଭାଗ ପ୍ରକାଶ କରିଥାଏ, କିନ୍ତୁ ପୋଷ୍ଟିଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ହିଁ କରିଥାନ୍ତି। ତେବେ ଏମିତି କେଉଁ ସ୍ଥିତି ସୃଷ୍ଟି ହେଲା ଯେ, ଜଏନିଂ ପାଇଁ ଅଫିସରମାନେ ଡିଜିପିଙ୍କ ଅର୍ଡରକୁ ଅପେକ୍ଷା କଲେ ନାହିଁ। ନିର୍ଦ୍ଦେଶ ପୂର୍ବରୁ କେଉଁ ବରିଷ୍ଠ ଅଧିକାରୀମାନେ ଏମାନଙ୍କୁ ଜଏନିଂ ପାଇଁ ସାହସ ଦେଲେ ବା ସ୍ୱୀକୃତି ପ୍ରଦାନ କଲେ, ତାହାକୁ ନେଇ ପୋଲିସ ବିଭାଗରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଘଟଣାକୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ମଧ୍ୟ ସ୍ୱୀକାର କରିଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏପର୍ଯ୍ୟନ୍ତ ସେମିତି କିଛି ଜଏନିଂ ଅର୍ଡର ଆମ ପାଖକୁ ଆସିନାହିଁ। ☞ପୃଷ୍ଠା-୨



Odisha Police
State Head Quarters
Odisha, Cuttack

NOTIFICATION
Dated the, 30 Jan.,2021.

State Police Hdqrs. Notification No. 362/OP dt. 29.01.2021 and 363/OP dt. 29.01.2021 was communicated vide Memo No.364/OP dt. 29.01.2021 in pursuance to Home Department Notification No. 462/SPS dt. 05.01.2021. The said Home Department Notification No. 462/SPS dt. 05.01.2021 has been cancelled vide Home Department Notification No. 3813/SPS dt. 29.01.2021 in which the name of Shri Radha Charan Pattanaik figures at Sl No.16. Hence the above Notification of State Police Hdqrs. is modified as follows:-

No. 386 /OP., With reference to the promotion order of Inspector to the rank of Dy.S.P issued vide Home Department Notification No.3813/SPS dt. 29.01.2021, following transfer and posting is hereby ordered as decided by the "State Police Establishment Board".

No. 387 /OP On promotion to the rank of Dy.S.P., Shri Radha Charan Pattanaik,I/c Dy.S.P, DIB, Gajapati is posted as Dy.S.P., DIB, Gajapati.

(Abhay)
Director General of Police
Odisha, Cuttack

Memo No. 388 /OP Dtd. 30 .01.2021

Copy alongwith copy of Home Department Notification forwarded to S.P., Gajapati/D.I.G of Police, SR, Berhampur/ D.I.G of Police, CR, Cuttack/ I.G of Police (Operations), Odisha, Bhubaneswar/Addl.D.G of Police, Training and Director, BPSPA, Odisha, Bhubaneswar/ Addl.D.G of Police, CIDCB, Odisha, Cuttack/ Director, Intelligence, Odisha, Bhubaneswar/ Chairman State Selection Board Odisha Police, Cuttack/Officers concerned for information and necessary action in continuation of State Police Hdqrs. Memo No.364/OP dt. 29.01.2021.

The date of relief/ joining of officer may be intimated to this Hdqrs. promptly.

Addl.D.G of Police,(Hdqrs.),
Odisha, Cuttack

Copy to all Sr. Police Officers/All.B.Os /All.S.Os/ I.T. Cell/All Asstts. of O.P Section, State Police Hdqrs, Cuttack for information and necessary action in continuation of State Police Hdqrs. O.D No.365/OP dt. 29.01.2021.

www.odishapolice.nic.in
Email-sphqrs.odpol@nic.in
Buxi Bazar, Cuttack-753001
Tel. /Fax No.0671-2304354

ଜାରି ହୋଇଥିବା ପଦୋନ୍ନତି ବିଜ୍ଞପ୍ତି।

# ମାଟ୍ରିକ ଫର୍ମପୂରଣ ଅବଧି ବଢ଼ିଲା

- ନିଜ ସ୍କୁଲରେ ପରୀକ୍ଷା ଦେବେ ଛାତ୍ରୀଛାତ୍ର
- ପରୀକ୍ଷା ସମୟ ଅଢ଼େଇ ବଦଳରେ ୨ ଘଣ୍ଟା

ଭୁବନେଶ୍ୱର, ୩।୨(ବ୍ୟୁରୋ)

ମେ' ୩ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏବେ ମାଟ୍ରିକ ପରୀକ୍ଷା ପାଇଁ ଫର୍ମପୂରଣ ଜାରି ରହିଥିବାବେଳେ ଏହାର ଅବଧିକୁ ଆସନ୍ତା ୧୦ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବଢ଼ାଇଛନ୍ତି ରାଜ୍ୟ ସରକାର। ହାଇସ୍କୁଲ, ଓପନ ସ୍କୁଲ, ଧନ୍ଦାମୂଳକ ଶିକ୍ଷା ଫର୍ମପୂରଣ ଅବଧିକୁ ବୃଦ୍ଧି କରାଯାଇଥିବା ନେଇ ବୁଧବାର ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

ଜାନୁୟାରୀ ୧୦ରୁ ମାଟ୍ରିକ ଫର୍ମପୂରଣ ଆରମ୍ଭ ହୋଇଛି। ପୂର୍ବରୁ ଏହାର ଅବଧି ଫେବୃୟାରୀ ୨ ପର୍ଯ୍ୟନ୍ତ ଥିଲା। ସେହିପରି ଏଥର ମାଟ୍ରିକ ପରୀକ୍ଷାର ସମୟ ମଧ୍ୟ ହ୍ରାସ କରାଇଛି। ଛାତ୍ରୀଛାତ୍ରଙ୍କୁ ଅଢ଼େଇ ଘଣ୍ଟା ବଦଳରେ ୨ ଘଣ୍ଟା ସମୟ ଦିଆଯିବ। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଟ୍ରିକ ପରୀକ୍ଷା ଫି' ଛାଡ଼ ଘୋଷଣା କରିଛନ୍ତି। ପରୀକ୍ଷା ଫି' ଛାଡ଼ ଦ୍ୱାରା ୬ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବେ। ଅନ୍ୟପକ୍ଷରେ ଏବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଛାତ୍ରୀଛାତ୍ରଙ୍କୁ ଅନ୍ୟ ସ୍କୁଲକୁ ଯିବାକୁ ପଡ଼ିବନି। ସେମାନେ ନିଜ ସ୍କୁଲରେ ହିଁ ପରୀକ୍ଷା ଦେବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, କରୋନା ଯୋଗୁ ଗତ ବର୍ଷ ମାର୍ଚ୍ଚରୁ ସ୍କୁଲ ବନ୍ଦ ରହିଥିଲା। ତେବେ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ସରକାର ସ୍କୁଲ ଖୋଲିବା ନିଷ୍ପତ୍ତି ନେଇଥିଲେ। ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଜାନୁୟାରୀ ୮ରୁ ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଛି। ସେହିଭଳି ଆସନ୍ତା ୮ ତାରିଖରୁ ନବମ ଓ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ।

## ୩ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ବୁଧବାର ୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ହଜାର ୨୬୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ବ୍ଲକରୁ ୨ଜଣ ଓ କଣିହାଁ ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ପୋଷ୍ଟ ମାଷ୍ଟରଙ୍କ ନାଁରେ ଏତଲା

**ବାରିପଦା ଅଫିସ,୩।୨:** ମୟୂରଭଞ୍ଜ ଜିଲା ମୁରୁଣିଆ ପୋଷ୍ଟ ଅଫିସର ବିପିଏମ ପ୍ରମୋଦ ସେଠୀ ଜାଲଷ୍ଟାମ୍ପ ଓ ଦସ୍ତଖତ କରି ଜମାକାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ହଡପ କରି ଫେରାର ହୋଇଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ବିଭାଗ ପକ୍ଷରୁ ଝାରପୋଖରିଆ ଥାନାରେ ଏତଲା ଦିଆଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୨୬/୨୧) ରୁଜୁ କରି ତଦନ୍ତ ଚଳାଇଛି। ଜିଲା ଡିଭିଜନ ପୋଷ୍ଟଅଫିସ ବାରିପଦା ଶାଖାର ସୁପରିଣ୍ଟେଣ୍ଡେଣ୍ଟ ମୃତ୍ୟୁଞ୍ଜୟ ବେରାଙ୍କ ନିର୍ଦ୍ଦେଶ କ୍ରମେ ବାଙ୍ଗିରିପୋଷି ପୋଷ୍ଟ ଇନିସପେକ୍ଟର ଗିରିଧାରୀ ତାମୁଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆଖପାଖ ଗ୍ରାମର ଶତାଧିକ ଜମାକାରୀ ସେମାନଙ୍କ ଟଙ୍କା ହଡ଼ପ ସମ୍ପର୍କରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇ ପ୍ରାଥମିକ ତଦନ୍ତ ହୋଇଥିଲା। ଏହି ତଦନ୍ତକୁ ଭିତ୍ତି କରି ବିଭାଗ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିବା କୁହାଯାଇଛି।

### ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଲୁଟ୍

**ରାଇରଙ୍ଗପୁର,୩।୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ ବିର୍ସା ଛକ ନିକଟରୁ ମଙ୍ଗଳବାର ରାତିରେ ଜଣେ ଗହଣା ବ୍ୟବସାୟୀଙ୍କଠାରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଗହଣା ଲୁଟ୍ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୬/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଗୋରୁମହିଷାଣୀ ବଜାରର ବ୍ୟବସାୟୀ ଅମ୍ରିତ ରଣା ଦୋକାନ ବନ୍ଦ କରି ଏକ ବ୍ୟାଗରେ ଗହଣା ନେଇ ଘରକୁ ଯାଉଥିଲେ। ବିର୍ସା ଛକ ନିକଟସ୍ଥ ରାସ୍ତାର ଏକ ଅନ୍ଧାରୁଆ ସ୍ଥାନରେ ଦୁଇ ଲୁଟେରା ବାଇକ୍‌ରେ ଆସି ତାଙ୍କଠାରୁ ଗହଣା ବ୍ୟାଗ ଝାମ୍ପି ନେଇ ପଳାଇଥିଲେ। ତେବେ ଗତ କିଛି ଦିନ ହେଲା ଅଞ୍ଚଳରେ ଚୋରି ଓ ଲୁଟତରାଜ ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଟ୍ରେନ୍‌ରେ କଟି ଯୁବକ ମୃତ

**ତିହିଡ଼ି, ୩।୨(ସ୍ୱ.ପ୍ର.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୁରୁଦାସପୁର ରେଳ ଷ୍ଟେଶନ ନିକଟରେ ଟ୍ରେନ୍‌ରେ କଟି ବାଲିଦାଣ୍ଡି ଗ୍ରାମର କୈଳାସ ନାୟକ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କୈଳାସ ମଙ୍ଗଳବାର ସନ୍ଧ୍ୟାରେ ଘରୁ ନିଜର ଅଟୋ ନେଇ ଘଣ୍ଟେଶ୍ୱର ବଜାରକୁ ଆସି ଆଉ ଫେରି ନ ଥିଲେ। ରାତିରେ ପରିବାର ଲୋକ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ବହୁ ଖୋଜାଖୋଜି କରିବା ପରେ ନ ପାଇ ପୀରହାଟ ଥାନାକୁ ଜଣାଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟା ବେଳେ କୈଳାସଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଗଦି ଲେଭଲ କ୍ରସିଂ ନିକଟରେ ପଡ଼ିଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନଙ୍କଠାରୁ ଖବର ପାଇ ପୀରହାଟ ପୋଲିସ ସେଠାରେ ପହଞ୍ଚି ପରେ କୈଳାସଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲା। ସେମାନେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ଏ ନେଇ ପୀରହାଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୧) ରୁଜୁ ହୋଇଛି।

# ବଦଳିବ ସଫେଇ କର୍ମଚାରୀଙ୍କ ଜୀବନଶୈଳୀ

- ଜିଲାସ୍ତରୀୟ ସ୍ୱଚ୍ଛ ସମ୍ମିଳନୀ ଅନୁଷ୍ଠିତ
- ପୁରସ୍କାର ପାଇଲେ ପୌର, ଏନ୍‌ଏସି କର୍ମଚାରୀ
- ସବୁଜ ଅନୁଗୋଳ ପାଇଁ ପ୍ରସ୍ତୁତ ହେବ କାର୍ଯ୍ୟଖସଡ଼ା

**ଅନୁଗୋଳ ଅଫିସ, ୩।୨**



କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ଅନୁଗୋଳ ଷ୍ଟାଡିୟମଠାରେ ଜିଲାସ୍ତରୀୟ ସ୍ୱଚ୍ଛ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପୌରାପାଳିକା, ତାଳଚେର ପୌରପାଳିକା ଓ ଆଠମଲ୍ଲିକ ଏନ୍‌ଏସି ଅଧୀନରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀମାନେ ଯୋଗ ଦେଇଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ପିଡି ଦିଲୀପ କୁମାର ସାହୁ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସହ ତାଳଚେର ନିର୍ବାହୀ ଅଧିକାରୀ ଓ ଆଠମଲ୍ଲିକ ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଦୁଇଟି ପୌରପାଳିକା ଓ ଗୋଟିଏ ଏନ୍‌ଏସିରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାସ୍ତରରେ ପ୍ରଥମ ଥର ପାଇଁ ସଫେଇ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି। ସଫେଇ କର୍ମଚାରୀଙ୍କ ଜୀବନଶୈଳୀରେ କିଭଳି ଉନ୍ନତି କରାଯିବ ସେ ନେଇ ଯୋଜନା କରାଯିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ସ୍ୱଚ୍ଛ ଓ ସୁସ୍ଥ ଅନୁଗୋଳ ସହ କ୍ଲିନ୍ ଏବଂ ଗ୍ରୀନ୍ ଅନୁଗୋଳ ମିଶନ୍ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ସୂଚନା ମିଳିଛି।

# ଗର୍ଭବତୀ ଭାଉଜଙ୍କୁ ହାତୁଡ଼ିରେ ପିଟି ହତ୍ୟା

**ଅନୁଗୋଳ ଅଫିସ, ୩।୨**

- ଥାନାରେ ଆତ୍ମସମର୍ପଣ କଲେ ଦିଅର
- ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ସନ୍ଦେହ
- ଅଭିଯୁକ୍ତଙ୍କ ମାନସିକ ବିକୃତି ଥିବା ସୂଚନା

ଅନୁଗୋଳ ସହର ଉପକଣ୍ଠ ଶୁଖୁଡ଼ାରେ ବୁଧବାର ଅପରାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ଘରେ କେହି ନ ଥିବାବେଳେ ଗର୍ଭବତୀ ଭାଉଜଙ୍କୁ ହାତୁଡ଼ିରେ ପିଟି ଦିଅର ଜୀବନ ନେଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ନିଜେ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଥିବା ପୋଲିସ କହିଛି। ଗୁରୁବାର ସକାଳେ ଢେଙ୍କାନାଳରୁ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଠାଯିବ ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି।

ଶୁଖୁଡ଼ା ସୋମନାଥପୁର ଖଇରାସାହିର ନୀଳମଣି ଭୋଇ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ତ୍ରୀ ସଙ୍ଗୀତା ଭୋଇ(୨୫) ଘରେ ଏକୁଟିଆ ଥିଲେ। ସେ ନିଜେ କାଠକାମ କରିବାକୁ ବାହାରକୁ ଯାଇଥିବା ବେଳେ ବାପା ରାଜମିସ୍ତ୍ରି କାମକୁ ଯାଇଥିଲେ। ବୋଉ ଛେଳି ଚରାଇବାକୁ ଚାଲିଯାଇଥିଲେ। ଏହି ସମୟରେ ମାନସିକ ବିକୃତି ଥିବା ସାନଭାଇ ସୁବାସ ଭୋଇ କୌଣସି କାରଣରୁ ତାଙ୍କ ଗର୍ଭବତୀ ସ୍ତ୍ରୀ ସଙ୍ଗୀତାଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିଛନ୍ତି। ଅଭିଯୋଗପାଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କ ସହ ତଦନ୍ତକାରୀ ଅଧିକାରୀ ଶଶି ଭୂଷଣ ବେହେରା ଓ ଅନ୍ୟମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ପଚରାଉଚରା ବେଳେ ସାମାନ୍ୟ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସକୁ ସୂଚନା ମିଳିଛି। ତେବେ ସାଇଣ୍ଟିଫିକ୍ ଟମ୍ ଓ ମାଜିଷ୍ଟ୍ରେଟ୍ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଅଧିକ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଶ୍ରମକୋଡ୍ ପ୍ରତ୍ୟାହାର ଦାବି

**ଅନୁଗୋଳ ଅଫିସ, ୩।୨**

କେନ୍ଦ୍ର ସରକାରଙ୍କ ଜନବିରୋଧୀ ବଜେଟ୍, ଶ୍ରମିକ ବିରୋଧୀ ଶ୍ରମକୋଡ୍, କୃଷକ ବିରୋଧୀ କୃଷି ଆଇନ୍, ବିଦ୍ୟୁତ୍ ବିଲ୍-୨୦୨୦ ପ୍ରତ୍ୟାହାର କରିବା ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ପ୍ରତ୍ୟାହାର ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଙ୍କ ମିଳିତ ମଞ୍ଚ ପକ୍ଷରୁ ବୁଧବାର ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଗୋଳ ଜିଲା କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ପକ୍ଷରୁ ସ୍ଥାନୀୟ ରାଜାଛକ ଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଆଇୟୁଟିୟୁସି ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଏହି ପ୍ରତିବାଦ ସଭାରେ ଆଇଏନ୍‌ଟିୟୁସି ଜିଲା ସମ୍ପାଦକ ବିମ୍ବାଧର ସାମଲ, ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମା, କାର୍ଯ୍ୟକାରୀ ସଭାପତି ବସନ୍ତ ପଟ୍ଟନାୟକ, ଜିଲା ସମ୍ପାଦକ ରଞ୍ଜନ ନନ୍ଦ, ବି.କେ.ସାମଲ, ବିଶ୍ୱନାଥ ସାହୁ, ଏଆଇୟୁଟିୟୁସି ଜିଲା ସଭାପତି ପ୍ରହ୍ଲାଦ ସାହୁ, ସମ୍ପାଦକ ବ୍ରଜବନ୍ଧୁ ସାହୁ, ଅଭୟ ନାଏକ, ତପନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ।




କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ପ୍ରତିବାଦ କରାଯାଉଛି।

# ବ୍ଲକସ୍ତରୀୟ ଏମ୍‌ପିଏଲ୍ ଫୁଟବଲ, ହଳଦୀପାଳ ଚାମ୍ପିୟନ

**ଚିତ୍ରଡ଼ା,୩।୨(ଡି.ଏନ୍.ଏ.)**

ମୋରଡ଼ା ବ୍ଲକ ବିଜୁ ଯୁବ ଏବଂ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ପଡ଼ିଆରେ ବୁଧବାର ବ୍ଲକସ୍ତରୀୟ ମୟୂରଭଞ୍ଜ ପ୍ରିମିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଜିଜେବି ଟିମ୍ ଗୋଡ଼ିଗାଁକୁ ହରାଇ ହଳଦୀପାଳର ଜାହେର ଆୟ ଟିମ୍ ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜେଡି ବ୍ଲକ ସଭାପତି ଜୟ ପ୍ରକାଶ ରାଉଳ, ସମ୍ମାନିତ ଅତିଥି କ୍ଷୀତିଶ ମହାନ୍ତ, ହର୍ଷବର୍ଦ୍ଧନ ମୁଦୁଲି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍‌କୁ ପୁରସ୍କୃତ କରିଥିଲେ। ହରି ସୋରେନ, ଉଦୟ ମାରାଣ୍ଡି, ଗୋସାଇ ବାସ୍କେ, ନନ୍ଦୁ ବାସ୍କେ,ଚନ୍ଦ୍ରଶେଖର ମୁର୍ମୁ,ଦାଶରଥି ମୁର୍ମୁ ରେଫ୍ରି ଭାବେ ପରିଚାଳନା କରିଥିଲେ। ସଭାପତି ସମୀର ବେହେରା ଏବଂ ରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଲଳିତ ଦାସ, ତୁଷାର ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।

# 'ରାଜଯୋଗ ମାନସିକ ଦୁଶ୍ଚିନ୍ତା ଦୂର କରେ'




ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ୧୧ତମ ବାର୍ଷିକ ଉତ୍ସବ ପାଳନ କରାଯାଉଛି।

**ଢେଙ୍କାନାଳ ଅଫିସ,୩।୨**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ହରିପୁରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜଯୋଗ ଚିନ୍ତା ଦୂର କରିବା ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ରମଣୀକାନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବଦ୍ୟୁତ୍ ବିଭାଗ ଏସ୍‌ଡିଓ ଜଳଧର ବେହେରା, ଡା. ପ୍ରେମାନନ୍ଦ ସାହୁ, ଡା. ପ୍ରମୋଦ କୁମାର ମଲିକ, ରାୟନୃସିଂହପୁର ସରପଞ୍ଚ ଶିଶିରକାନ୍ତ ବେହେରା ଓ କବି ବାହାଦୂର ପାଟସାହାଣୀ ପ୍ରମୁଖ ଯୋଗଦେଇ ରାଜଯୋଗ ଦ୍ୱାରା ଆତ୍ମା ଏବଂ ପରମାତ୍ମାର ମିଳନ ସହିତ ମାନସିକ ଦୁଶ୍ଚିନ୍ତା ଦୂର ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଜିରାଳ ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମିନି ରାଜଯୋଗ ଅଭ୍ୟାସ କରାଇଥିଲେ। କାମାକ୍ଷାନଗର ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ପ୍ରଭା ଜଗତ କଲ୍ୟାଣ ପାଇଁ ଆଶ୍ରିବଚନ ପ୍ରଦାନ କରିଥିଲେ। ପାଲଲହଡା, ଖମାର, ଗଡପଳାଶୁଣୀ, ମହୁଲପାଳ, ତୁମୁସିଙ୍ଗା, ପିଙ୍ଗୁଆ, ଷଡଙ୍ଗୀ, ମାଳବିହାରପୁର ଓ ସୁବର୍ଣ୍ଣପୁର ଆଦି ଶାଖାର ରାଜଯୋଗ ଶିକ୍ଷିକାମାନେ ଯୋଗ ଦେଇଥିଲେ । ହରିପୁର ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ରିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଛ କାଟୁଥିବା ବେଳେ ୧୪ ଗିରଫ

**ବଇଣ୍ଡା,୩।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଅଁଳାବେରେଣି ଜଙ୍ଗଲରେ ମଙ୍ଗଳବାର ରାତିରେ ହଣ୍ଡପା ବନବିଭାଗର ଏକ ଟିମ୍ ଚଢାଉ କରି ଗଛ କାଟୁଥିବା ଅଭିଯୋଗରେ ୧୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଛେଣ୍ଡିପଦା ଥାନା ନୂଆଁଗା ଗ୍ରାମର ନିରାକାର ମୁଖୀ, ଉମାକାନ୍ତ ସାହୁ, ଇନ୍ଦ୍ରମଣି ନାୟକ, ରବୀନ୍ଦ୍ର ମୁଖୀ, ଜିତେନ୍ଦ୍ର ନାୟକ, ବିଦ୍ୟାଧର ନାୟକ, ପ୍ରଫୁଲ୍ଲ ନାୟକ, ନନ୍ଦ ନାୟକ, ରମାକାନ୍ତ ସାହୁ, ଭୀମସେନ ସାହୁ, ଯଯାତି କେଶରୀ ସାହୁ, ହଣ୍ଡପା ଥାନା କୃଷ୍ଣପୁର ଗ୍ରାମର ସାଗର ନାୟକ ଓ ୨ ଜଣ ନାବାଳକ। ବିଭାଗ ପକ୍ଷରୁ କୁହାଯାଇଛି, ସମ୍ପୃକ୍ତ ୧୪ ଜଣ ଜଙ୍ଗଲରୁ ବେଆଇନ ଭାବେ ଗଛ କାଟୁଥିବାବେଳେ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ଡିଏଫଓ ଏସ୍. ଆନନ୍ଦ, ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ଡେପୁଟି ରେଞ୍ଜର ରବୀନ୍ଦ୍ର କୁମାର କରଣ, ଫରେଷ୍ଟର ସଞ୍ଜୟ ବେହେରା, ଗାର୍ଡ ପୁରୁଷୋତ୍ତମ ଦେହୁରୀ ଚଢାଉ କରିଥିଲେ। ତାଙ୍କ ନିକଟରୁ କଟାଯାଇଥିବା ୨ଶହ ବାଉଁଶ ଗଛ ସହ ଗୋଟିଏ ଟ୍ରାକ୍ଟର, ୩ ବାଇକ୍ ଓ ୬ଟି ଟାଙ୍ଗିଆ ଜବତ କରାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବିପୁଳ ପରିମାଣର ବିସ୍ଫୋରକ ଜବତ

**ସୋର, ୩।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ଅନ୍ତର୍ଗତ ଖଞ୍ଜାମାହାଲ ଖାଦାନ ନଂ ୮୮ରୁ ବିପୁଳ ପରିମାଣର ବିସ୍ଫୋରକ ରାଜସ୍ୱ ବିଭାଗ ଜବତ କରିଛି। ଜଣଙ୍କ ନାମରେ ଏହି ଖାଦାନ ନିଲାମରେ ଥିବା ବେଳେ ୩୦ଟି ପେପସି ସହ ବିସ୍ଫୋରଣରେ ବ୍ୟବହୃତ ସାମଗ୍ରୀ ମଧ୍ୟ ଜବତ କରାଯାଇ ସୋର ତହସିଲ ପରିସରକୁ ଅଣାଯାଇଛି। ଉପଜିଲାପାଳ ଆଶୀଷ ପଟ୍ଟେଲଙ୍କ ନେତୃତ୍ୱରେ ଏହି ଚଢ଼ାଉ ବେଳେ ତହସିଲଦାର ଡ. ଅଶୋକ କୁମାର ଦାସ, ରାଜସ୍ୱ ନିରୀକ୍ଷକ ଶୁଭେନ୍ଦୁ କୁମାର ପରିଡା ଓ ଅମୀନ ସୁଧାଂଶୁ ପରିଡା ସହଯୋଗ କରିଥିଲେ।

# ଘର ଘର ବୁଲି ପ୍ରଚାର କରୁଛନ୍ତି ୩ ପ୍ରାର୍ଥୀ

**ବାସୁଦେବପୁର,୩।୨(ଡି.ଏନ.ଏ.)**

## ବିଦେଇପୁର ସରପଞ୍ଚ ଉପନିର୍ବାଚନ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ସରପଞ୍ଚ ଉପନିର୍ବାଚନ ଆସନ୍ତା ୧୧ ତାରିଖରେ ହେବାକୁ ଥିବାବେଳେ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ଏହି ଉପନିର୍ବାଚନରେ ୧୭ ୱାର୍ଡର ୩୧୬୨ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୧୪୮୩ ମହିଳା ଭୋଟର ଓ ୧୬୭୯ ପୁରୁଷ ଭୋଟର ଅଛନ୍ତି। କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଭାବେ ପୂର୍ବତନ ସରପଞ୍ଚ ସ୍ୱର୍ଗତ ସୁବ୍ରତ ରାୟଙ୍କ ସ୍ତ୍ରୀ ସସ୍ମିତା ରାୟ, ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ପୂର୍ବ ନିର୍ବାଚନରେ ପରାଜିତ ରଙ୍ଗାଧର ଜେନାଙ୍କ ସ୍ତ୍ରୀ ଶାନ୍ତିଲତା ଜେନା ଓ ଭାଜପା ସମର୍ଥିତ ପ୍ରାର୍ଥୀ ଅଜୟ ମଲିକ ଏଥର ନିର୍ବାଚନ ଲଢୁଛନ୍ତି। ୩ ପ୍ରାର୍ଥୀ ଘର ଘର ବୁଲି ନିଜ ଦଳର ସମର୍ଥକ ଓ ନେତୃମଣ୍ଡଳୀଙ୍କୁ ଧରି ପ୍ରଚାର ଚଳାଇଛନ୍ତି। ଉପନିର୍ବାଚନ ଫଳାଫଳକୁ ନିଜ ଦଳ ସପକ୍ଷକୁ ନେବା ଲାଗି ୩ ପ୍ରମୁଖ ରାଜନୈତିକ ଦଳ ଜୋର୍ ଲଗାଇଥିବା ଚର୍ଚ୍ଚା ହେଉଛି।

ସୂଚନା ଥାଉକି, ପୂର୍ବ ନିର୍ବାଚନ ୨୦୧୭ରେ ଏଠାରୁ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ସୁବ୍ରତ ରାୟ ୨୧ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜେଡି ସମର୍ଥିତ ପ୍ରାର୍ଥୀ ରଙ୍ଗାଧର ଜେନାଙ୍କୁ ହରାଇଥିଲେ। ବର୍ଷକ ତଳେ ସରପଞ୍ଚ ରାୟଙ୍କର ଆକସ୍ମିକ ମୃତ୍ୟୁ ଘଟିବାରୁ ଏଠାରେ ଉପନିର୍ବାଚନ ହେବାକୁ ଯାଉଛି। କଂଗ୍ରେସ ପ୍ରାର୍ଥୀ ସସ୍ମିତା ସ୍ୱାମୀଙ୍କ ଅଧୁରା ସ୍ୱପ୍ନକୁ ପୂରଣ ପାଇଁ ପ୍ରତିଶ୍ରୁତିବଦ୍ଧ କହି ଭୋଟରଙ୍କୁ ପ୍ରଭାବିତ କରୁଥିବା ବେଳେ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବାର ପ୍ରତିଶ୍ରୁତି ରଖି ବିଜେଡି ସମର୍ଥିତ ଶାନ୍ତିଲତା ଭୋଟରଙ୍କ ପାଖକୁ ଯାଉଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ଉନ୍ନୟନମୂଳକ ଯୋଜନାକୁ ଆଧାର କରି ଭାଜପା ସମର୍ଥିତ ଅଜୟ ପ୍ରଚାର ଚଳାଇଛନ୍ତି।

# ସମ୍ଭବର ପ୍ରତିଷ୍ଠା ଦିବସ

**ଢେଙ୍କାନାଳ ଅଫିସ, ୩।୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନୂଆଗଡଠାରେ ଗତ ମଙ୍ଗଳବାର ସାମାଜିକ ସଙ୍ଗଠନ 'ସମ୍ଭବ'ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାତା ବିଜୟଲକ୍ଷ୍ମୀ ଦାଶ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସୁଶାନ୍ତ କୁମାର ସାମନ୍ତ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶ୍ରୀନିବାସ ସାମନ୍ତ, ତପନ କୁମାର ସାମନ୍ତ ପ୍ରମୁଖ ଯୋଗଦେଇ ଅନୁଷ୍ଠାନକୁ ଆଗକୁ ନେବାକୁ ପରାମର୍ଶ ଦେଇଥିଲେ। ମାନସିକ ରୋଗୀଙ୍କ ପାଇଁ ଚିକିତ୍ସା ସୁବିଧା ଓ ଥଇଥାନ, ଯୁବଗୋଷ୍ଠୀ, ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ, ସ୍ୱରୋଜଗାର କ୍ଷମତା ବୃଦ୍ଧି କରିବା ଏବଂ ଜନସଚେତନା ଆଦି ଅନୁଷ୍ଠାନର ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ମାନସ କୁମାର ସାମନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ।




ପ୍ରତିଷ୍ଠା ଦିବସରେ ଅତିଥି ଓ କର୍ମକର୍ତ୍ତାମାନେ।

# ସଚେତନତା ପାଇଁ ୧୩ରେ ଶୋଭାଯାତ୍ରା



ସଚେତନତା ଶୋଭାଯାତ୍ରା ପାଇଁ ବୈଠକ।

**ଅନୁଗୋଳ ଅଫିସ, ୩।୨**

ଅନୁଗୋଳ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଭାରତୀୟ ଭାଷା ଆନ୍ଦୋଳନ ଅନୁଗୋଳ ଜିଲା କର୍ମକର୍ତ୍ତାଙ୍କ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଓଡ଼ିଶା କାର୍ଯ୍ୟକାରିଣୀ ମୁଖ୍ୟ ତଥା ଆଇନଜୀବୀ ଅର୍ଜୁନ କୁମାର ମୁଦୁଲି, ଅନୁଗୋଳ ଜିଲା ସଭାପତି ମାନସ କୁମାର ପରିଡ଼ା, ଜିଲା ସମ୍ପାଦକ ବିନୋଦ କୁମାର ସାମଲ, କାର୍ଯ୍ୟବାହୀ ସମ୍ପାଦକ ପ୍ରଦୀପ କୁମାର ଦେବତା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଆସନ୍ତା ୧୩ ତାରିଖରେ ହେବାକୁ ଥିବା ରାଷ୍ଟ୍ରୀୟ ସାଇକେଲ ଶୋଭାଯାତ୍ରା ଅବସରରେ କିପରି ସ୍ଥାନୀୟ ଲୋକଙ୍କ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ସଫଳ ହେବ ସେ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକାରିଣୀ ସଭ୍ୟ ହେମନ୍ତ କୁମାର ସାହୁ, ପାର୍ଥ ସାରଥୀ ପ୍ରଧାନ, ସରୋଜ ବେହେରା, ଗଣେଶ୍ୱର ସାହୁ, ରାକେଶ ସାହୁ, ବିନୋଦ ବିହାରୀ ପ୍ରଧାନ, ଅର୍ଜୁନ ଭୂତିଆ, ରଞ୍ଜନ କୁମାର ରାଉତ, ଅଶୋକ କୁମାର ମହାପାତ୍ର, ପ୍ରତାପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୧୩ ତାରିଖ ପୂର୍ବାହ୍ନ ସାଢ଼େ ୯ଟାରେ ମାଳତୀ ଦେଇ ଆଶ୍ରମରୁ ଏହି ଶୋଭାଯାତ୍ରା ବାହାରି କୁରୁଢ଼ଲ ଦେଇ ତାଳଚେର ରାଜବାଟିରେ ପହଞ୍ଚିବ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆଇନଜୀବୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଙ୍ଗଠନର ଜିଲା ଉପସଭାପତି ଆଇନଜୀବୀ ପଦ୍ମ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଆଖଣ୍ଡଳମଣି ମନ୍ଦିର : ବଢ଼ିଲା ଦର୍ଶନ ସମୟ

**ଆରଡ଼ି, ୩।୨ (ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ଆଖଣ୍ଡଳମଣି ମନ୍ଦିରରେ ଦର୍ଶନ ସମୟ ବଢ଼ିଛି। ପୂର୍ବରୁ କୋଭିଡ୍ କଟକଣା ନିୟମ ଅନୁଯାୟୀ ପ୍ରତିଦିନ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭକ୍ତମାନେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରୁଥିଲେ। ବୁଧବାରଠାରୁ ଶ୍ରଦ୍ଧାଳୁମାନେ ଅଧିକ ୨ ଘଣ୍ଟା ଅର୍ଥାତ୍ ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶନ କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିବା ମନ୍ଦିର ପ୍ରଶାସନ ସୂଚନା ଦେଇଛି। ୨ ଘଣ୍ଟା ସମୟ ବଢ଼ିଥିବାରୁ ଭକ୍ତମାନେ ବାବାଙ୍କ ବଡ଼ସିଂହାର ବେଶ ଦର୍ଶନ କରିପାରିବେ। ସେଥିପାଇଁ ସେମାନେ ଖୁସି ବ୍ୟକ୍ତ କରିଛନ୍ତି। ଏଥିସହ ଅନ୍ୟ କେତେକ କଟକଣାକୁ ମଧ୍ୟ କୋହଳ କରାଯାଇଛି। ଏଣିକି ବୃକ୍ଷ ପକାଇବା ଲାଗି ଅନୁମତି ଦିଆଯାଇଛି। ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓ ୧୦ ବର୍ଷରୁ କମ୍ ବୟସର ଶିଶୁଙ୍କୁ ମଧ୍ୟ ଦର୍ଶନ କରିବାର ସୁଯୋଗ ଦିଆଯିବ ବୋଲି ପ୍ରଶାସନିକ ସ୍ତରରେ ସ୍ଥିର କରାଯାଇଛି। ତେବେ ସମସ୍ତ ଦର୍ଶନାର୍ଥୀ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ସେହିପରି ମନ୍ଦିର ପ୍ରଶାସନ ସେମାନଙ୍କର ଥର୍ମାଲ ସ୍କାନିଂ କରିବା ସହ ସାନିଟାଇଜର ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଆଯାଇଛି।



ବାବା ଆଖଣ୍ଡଳମଣିଙ୍କ ବଡ଼ସିଂହାର ବେଶ।

## ଆଜିଠୁ କମଳାଙ୍ଗ ଯାତ୍ରା

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗସ୍ଥିତ କମଳେଶ୍ୱରଙ୍କ ପୀଠରେ ଗୁରୁବାରଠାରୁ ଆରମ୍ଭ ହେଉଛି ପ୍ରସିଦ୍ଧ କମଳାଙ୍ଗ ଯାତ୍ରା। ଏହା ୬ ତାରିଖ ଯାଏ ଚାଲିବ। କୋଭିଡ୍ କଟକଣା ମାନି ଯାତ୍ରା ଆୟୋଜନ କରାଯିବ। ଏହାକୁ ଶୃଙ୍ଖଳିତ ଭାବେ ସମାପନ କରିବାକୁ ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଓଡ଼ାପଡ଼ା ତହସିଲଦାର, ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପୋଲିସ ମୁତୟନ କରାଯିବ।

# ଅବଧି ନ ଥିଲେ ବି ମୂଲ୍ୟ ଅଧିକ

**ଅନୁଗୋଳ ଅଫିସ, ୩।୨**

ଅନୁଗୋଳ ଜିଲାର କେତୋଟି ମଦ କାଉଣ୍ଟରରେ ବିକ୍ରି ହେଉଛି ଏକ୍ସପାଏରୀ ମଦ। କେଇମାସ ପୂର୍ବରୁ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ବୋତଲରେ ନୂଆ ଷ୍ଟିକର ଲଗାଇ ବିକ୍ରି କରାଯାଉଛି। ଏପରି କି ପ୍ରିଣ୍ଟ ମୂଲ୍ୟଠାରୁ କିଛି ଟଙ୍କା ଅଧିକ ନିଆଯାଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ବିଭିନ୍ନ ସମୟରେ ଉପଜିଲାପାଳଙ୍କ ନେତୃତ୍ୱରେ ଗଢ଼ାଯାଇଥିବା ବିବିଧ ଶୃଙ୍ଖଳା ଟିମ୍ ଚଢ଼ାଉ କରି ଏ ନେଇ ତାଗିଦ୍ କରୁଥିଲେ ବି ସମ୍ପୃକ୍ତ ବ୍ୟବସାୟୀମାନେ ତାହାକୁ ଖାତିର କରୁ ନ ଥିବା ଦେଖାଯାଉଛି।

କରୋନା ସ୍ଥିତି ସୁଧୁରିବା ପରେ ଦୀର୍ଘଦିନ ଧରି ବନ୍ଦ ରହିଥିବା ମଦ କାଉଣ୍ଟରଗୁଡ଼ିକୁ ସରକାର ଖୋଲିବାକୁ ଅନୁମତି ଦେଇଥିଲେ। ଏଥିସହ ମୂଲ୍ୟ ମଧ୍ୟ ବଢ଼ାଇ ଦେଇଥିଲେ। ପୋଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଦୋକାନଗୁଡ଼ିକରେ ବିକ୍ରି କରାଯିବା ସହ ହୋମ୍ ଡେଲିଭରି ମଧ୍ୟ ଆରମ୍ଭ କରାଯାଇଥିଲା। ଏବେ ସେହି ଅବସ୍ଥା ଆଉ ନାହିଁ। କଟକଣା ସମ୍ପୂର୍ଣ୍ଣ କୋହଳ କରାଯାଇଥିବାରୁ ସକାଳୁ ରାତିଯାଏ କାଉଣ୍ଟରଗୁଡ଼ିକରେ ଏହି ନିଶା ପାନୀୟ ବିକ୍ରି ହେଉଛି। ଶଟ୍‌ଡାଉନ ଓ ଲକ୍‌ଡାଉନ୍ ଯୋଗୁ ବିକ୍ରି ହୋଇ ନ ପାରି ରହିଯାଇଥିବା ମଦ ବିକିବାକୁ ସରକାର ଅବଧି ସମୟକୁ ୬ ମାସରୁ ୯ ମାସକୁ ବୃଦ୍ଧି କରିଛନ୍ତି। ଏଥିସହ କେଉଁ ଦରରେ ବିକ୍ରି କରାଯିବ ତାହାର ମୂଲ୍ୟ ମଧ୍ୟ ବୋତଲ ଉପରେ ପ୍ରିଣ୍ଟ କରାଯାଇଛି। କିନ୍ତୁ ଅନୁଗୋଳ ଜିଲାର କେତେକ କାଉଣ୍ଟରରେ ସରକାର ଧାର୍ଯ୍ୟ କରିଥିବା ୯ ମାସ ସମୟ ପୂରଣ ହୋଇଥିଲେ ମଧ୍ୟ ବ୍ୟବସାୟୀମାନେ ତାହାକୁ ହଟାଇ ନ ଥିବା ବିବିଧ ଶୃଙ୍ଖଳା ଟିମ୍ ଦେଖିବାକୁ ପାଇଛି। ଗତମାସରେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ମଦ ଦୋକାନଗୁଡ଼ିକ ଯାଞ୍ଚ ବେଳେ ଏହି ଟିମ୍ ଏକ୍ସପାଏରୀ ନିଶା ପାନୀୟ ବିକ୍ରି ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲା। ତୁରନ୍ତ ଏପରି କାରବାର ବନ୍ଦ କରିବାକୁ ତାଗିଦ୍ କରିବା ସହ ଜରିମାନା ମଧ୍ୟ ଆଦାୟ କରିଥିଲା। କିନ୍ତୁ ଲାଭଖୋର କେତେଜଣ ବ୍ୟବସାୟୀ ଏକ୍ସପାଏରୀ ହୋଇଯାଇଥିବା ମଦ ବୋତଲରେ ନୂଆ ଷ୍ଟିକର ଲଗାଇ ତାହାକୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏହାଛଡ଼ା ପ୍ରିଣ୍ଟ ମୂଲ୍ୟଠାରୁ ଅଧିକ ଅର୍ଥ ସେଲ୍ସମ୍ୟାନମାନେ ଦାବି କରୁଛନ୍ତି। ଏ ନେଇ ଗରାଖ ପ୍ରଶ୍ନ କଲେ ସେମାନଙ୍କୁ ନାଲିଆଖି ଦେଖାଯାଉଛି ବୋଲି ଅନେକେ ଅଭିଯୋଗ କରୁଛନ୍ତି। ହେଲେ ଅବକାରୀ ବିଭାଗ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏହି ନିଶା ପାନୀୟର ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।



ସରକାରୀ ଭାବେ ବଢ଼ାଯାଇଥିବା ଅବଧି ଶେଷ ହୋଇସାରିଥିବା ପରେ ମଧ୍ୟ ଅନୁଗୋଳରେ ବିକ୍ରି ହେଉଛି ଏକ୍ସପାଏରୀ ମଦ।

- କେତେକ ମଦ ଦୋକାନରେ ଚାଲିଛି ଏପରି କାରବାର
- ବିବିଧ ଶୃଙ୍ଖଳା ଟିମ୍‌ର ତାଗିଦ୍ ପରେ ବି ଚେତୁନାହାନ୍ତି
- ଅନୁଗୋଳ ଅବକାରୀ ଏସ୍‌ପି କହିଲେ କାର୍ଯ୍ୟାନୁଷ୍ଠାନ ହେବ

### ଧାର୍ଯ୍ୟଠାରୁ ଅଧିକ ମୂଲ୍ୟ ବେଆଇନ



“ଅଳ୍ପଦିନ ହେଲା ଜିଲାର ଦାୟିତ୍ୱ ନେଇଛି। ପ୍ରିଣ୍ଟଥିବା ଦରଠାରୁ କୌଣସି ବ୍ୟବସାୟୀ ଅଧିକ ଅର୍ଥ ନେଇପାରିବେ ନାହିଁ। ଯଦି କେଉଁଠି ଅଧିକ ଅର୍ଥ ନିଆଯାଉଥିବ ଓ ଏକ୍ସପାଏରୀ ମଦ ବିକ୍ରି କରାଯାଉଥିବ ତା'ହେଲେ ସେଠାରେ ଚଢ଼ାଉ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ବିବେକାନନ୍ଦ ନାୟକ, ଅବକାରୀ ଏସ୍‌ପି, ଅନୁଗୋଳ

### ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ



“ଅବଧି ତାରିଖ ମଧ୍ୟରେ ମଦ ବିକ୍ରି କରାଯିବା କଥା। ସରକାରଙ୍କ ପକ୍ଷରୁ ଏକ୍ସପାରି ତାରିଖ ବଢ଼ାଯିବା ପରେ ଦୋକାନୀଙ୍କୁ ନୂଆ ଷ୍ଟିକର ମାରିବାକୁ କୁହାଯାଇଛି। କିନ୍ତୁ କେତେକ ସ୍ଥାନରେ ସରକାରୀ ଅବଧି ଶେଷ ହୋଇଥିଲେ ମଧ୍ୟ ମଦ ବିକ୍ରି କରାଯାଉଥିବା ବିବିଧ ଶୃଙ୍ଖଳା ଟିମ୍ ଦେଖିବାକୁ ପାଇ ତାଗିଦ୍ କରିଥିଲା। ଯଦି ଏହାକୁ ଅମାନ୍ୟ କରାଯାଉଛି, ତା'ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

-ବାସୁଦେବ ଶତପଥୀ, ଉପଜିଲାପାଳ, ଅନୁଗୋଳ

### ବିଭାଗୀୟ କର୍ମଚାରୀଙ୍କ ସମ୍ପୃକ୍ତି ରହୁଛି



“ଜିଲାର ବିଭିନ୍ନ ମଦ ଦୋକାନରେ ଭିନ୍ନ ଭିନ୍ନ ଦର ନିଆଯାଉଛି। ବୋତଲରେ ମୂଲ୍ୟ ଲେଖା ଥିଲେ ବି ତାହାଠାରୁ ଅଧିକ ଟଙ୍କା ଦାବି କରାଯାଉଛି। ଅବଧି ଶେଷ ହୋଇଥିବା ମଦ ବିକ୍ରି କରିବାକୁ ବ୍ୟବସାୟୀମାନେ ଭୟ କରୁନାହାନ୍ତି। ଅବକାରୀ ବିଭାଗର କେତେଜଣ କର୍ମଚାରୀଙ୍କ ସମ୍ପୃକ୍ତି ପାଇଁ ଏହି ବ୍ୟବସାୟୀମାନେ ଏପରି ବେଆଇନ କାରବାର କରୁଛନ୍ତି।

-ରଶ୍ମିରଞ୍ଜନ ସାହୁ, ଅନୁଗୋଳବାସୀ

### ସରକାର ଦର ଧାର୍ଯ୍ୟ କରୁଛନ୍ତି



“ମଦର ମୂଲ୍ୟ କେତେ ରହିବ ତାହା ସରକାର ଧାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ବୋତଲ ଉପରେ ଦର ଉଲ୍ଲେଖ କରାଯାଉଛି। ଏହାଠାରୁ କେହି ଅଧିକ ମୂଲ୍ୟ ନେବା କଥା ନୁହେଁ। ତେବେ ଅନୁଗୋଳରେ କାହିଁକି ଏପରି କରାଯାଉଛି ସେ ନେଇ ଆମ ନିକଟରେ କୌଣସି ସୂଚନା ନଥାଏ। ଅବକାରୀ ବିଭାଗ ପକ୍ଷରୁ ଏହା ଯାଞ୍ଚ କରାଯିବା କଥା। ଆମେ କେବଳ ବିୟର ଦର ସମ୍ପର୍କରେ ସରକାର ଓ ଅବକାରୀ ବିଭାଗକୁ ଅବଗତ କରୁଛୁ।

-ନିନା ବେଉରା, ଶାଖା ମ୍ୟାନେଜର, ଓଡ଼ିଶା ପାନୀୟ ନିଗମ

## ସଂକ୍ଷେପରେ

### ଦାୟିତ୍ୱ ନେଲେ ନୂତନ ଡିଆଇପିଆର୍‌ଓ



**ଢେଙ୍କାନାଳ ଅଫିସ, ୩।୨:** ଢେଙ୍କାନାଳ ଜିଲାର ନୂତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ଭାବେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପଦବୀରେ ଥିବା ସୁଶାନ୍ତ କୁମାର ମିଶ୍ର ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କାର୍ଯ୍ୟାଳୟର ଅଧିକାରୀମାନେ ନୂତନ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପୂର୍ବରୁ ଡିଆଇପିଆର୍‌ଓ ଥିବା ସୁଶାନ୍ତ କୁମାର ମିଶ୍ରଙ୍କ ହିନ୍ଦୋଳ ତହସିଲଦାର ଭାବେ ବଦଳି ହୋଇଛି। ତାଙ୍କୁ ବିଭାଗୀୟ କର୍ମଚାରୀମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

### ଟ୍ରକ୍ ଜବତ, ୨ ଗିରଫ

**ତାଳଚେର,୩।୨(ନି.ପ୍ର.):** ତାଳଚେର ପୋଲିସ ୨ଟି ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ କରିଛି। ପ୍ରମୋଦ ପ୍ରସାଦଠାରୁ ଗୋଟିଏ (ନଂ. ଓଆର୦୪ଏଚ- ୭୭୪୫) ଓ ୫୩ ନଂ. ଜାତୀୟ ରାଜପଥର ରାଧାରମଣପୁର ଠାରୁ ଅନ୍ୟ ଏକ (ନଂ. ଓଆର୦୬ ଜି- ୪୨୯୭) ଟ୍ରକ୍‌କୁ ଜବତ କରାଯାଇଛି। ଏଥିରେ ୩୧ ଟନ୍ ଚୋରା କୋଇଲା ଥିଲା। ଏହି ଚୋରା କାରବାରରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ତାଳବେଡାର ଶରତ ନାଏକ ଓ ବିଦ୍ୟାଧରପୁରର ଆନନ୍ଦ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୪୦/୨୧ ଓ ୪୧/୨୧ରେ ୨ଟି ମାମଲା ରୁଜୁ କରାଯାଇଛି।

### ହିଙ୍ଗୁଳା ମନ୍ଦିର ନିର୍ମାଣ ପାଇଁ ଅର୍ଥଦାନ

**ତାଳଚେର,୩।୨(ନି.ପ୍ର.):** ତାଳଚେର ବ୍ଲକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ପରିକଳ୍ପିତ ନୂତନ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ବହୁ ବଦାନ୍ୟ ଶ୍ରଦ୍ଧାଳୁ ଅର୍ଥଦାନ କରିଛନ୍ତି। କଣିହାଁ ବ୍ଲକ ଡେରେଙ୍ଗ ଗ୍ରାମସ୍ଥିତ ମଝିସାହିର ବାସିନ୍ଦା ନରେଶ ଚନ୍ଦ୍ର ସାହୁ ମନ୍ଦିରରେ ପହଞ୍ଚି ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ତାଳଚେର ଟାଉନ ନିବାସୀ ପୂର୍ଣ୍ଣଚନ୍ଦ୍ର ମହାରଣା ୧୦ ହଜାର ଟଙ୍କା ଦାନ କରିଥିଲେ। ଗୋବରା ଗ୍ରାମର କୁମୁଦ ଚନ୍ଦ୍ର ସାହୁ ୫ ହଜାର ଏକ ଟଙ୍କା ମନ୍ଦିର ନିର୍ମାଣ ପାଇଁ ପ୍ରଦାନ କରିଥିବାରୁ ମନ୍ଦିର ପ୍ରଶାସନ ପକ୍ଷରୁ ଏହି ଶ୍ରଦ୍ଧାଳୁମାନଙ୍କୁ ଭୂୟସୀ ପ୍ରଶଂସା କରାଯାଇଛି।

### 'ଏକ୍ ହେବା, ଆଗକୁ ବଢ଼ିବା'

**ସାତମାଇଲ, ୩।୨(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ଚିତ୍ତଳପୁର ପରମେଶ୍ୱର ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ 'ଆସନ୍ତୁ ଆମେ ଏକ୍ ହେବା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡା. ସୁଧାକର ପାଳ କହିଲେ, ଚିତ୍ତଳପୁର ହେଉଛି ଏକ ଶାନ୍ତିପ୍ରିୟ ଗ୍ରାମ। ଐତିହ୍ୟ ପରମ୍ପରା ଏବଂ ସଂସ୍କୃତିକୁ ନେଇ ଏହା ସମୃଦ୍ଧ। ବ୍ୟକ୍ତିଗତ ସ୍ୱାର୍ଥକୁ ଭୁଲି ଏକ୍ ହୋଇ ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଥିଲେ। ଉପଦେଷ୍ଟା ଯୁଧିଷ୍ଠିର ପତି, ଶିକ୍ଷାବିତ୍ ଟଙ୍କଧର ପତି, ଗ୍ରାମ ସଭାପତି ଦିବାକର ପାଣିଗ୍ରାହୀ, ସର୍ବେଶ୍ୱର ପତି, ମିଶନ ଶକ୍ତି ସଭାନେତ୍ରୀ ମିନତି ପାଣିଗ୍ରାହୀ, ସ୍କୁଲ ପରିଚାଳନା କମିଟି ସଭାପତି ହରମୋହନ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବକମାନେ ଆମର ସମ୍ବଳ। ଏହାର ସୁବିନିଯୋଗ କରି ଗ୍ରାମର ବିକାଶରେ ଭାଗୀଦାରି ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳଯୋଗାଣ, ସ୍ୱଚ୍ଛତା, ପରିବେଶ ସୁରକ୍ଷା, ଗମନାଗମନ ଲାଗି ସମସ୍ତେ ଏକାଠି ହୋଇ କାମ କରିବାକୁ ଧ୍ୱନିମତରେ ପ୍ରସ୍ତାବ ପାରିତ ହୋଇଥିଲା। ପ୍ରଭଞ୍ଜନ ପାଣିଗ୍ରାହୀ, ଜିତେନ ପତି, ଚକ୍ରଧର ପତି, ଆଶିଷ ପାଣିଗ୍ରାହୀ, ଆଶୁତୋଷ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟୁତ୍ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**ଢେଙ୍କାନାଳ ଅଫିସ, ୩।୨**

ଢେଙ୍କାନାଳ ଜିଲାରେ ବିଦ୍ୟୁତ୍ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜନଜାଗ୍ରତ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ଜୟଗୋପାଳ ମଠ ପ୍ରାଙ୍ଗଣରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ସଂକ୍ରାନ୍ତରେ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ବୁଧବାର ଲିଖିତ ଭାବେ ଅବଗତ କରାଯାଇଛି।

**ଜନ ଜାଗ୍ରତ ମଞ୍ଚର ନିଷ୍ପତ୍ତି**

ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଜିଲାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ତ୍ରୁଟିପୂର୍ଣ୍ଣ ବିଲ୍ ଦିଆଯାଉଛି। ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି। ଉପଭୋକ୍ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ବିଦ୍ୟୁତ୍ ବିଭାଗର ମନୋମୁଖି କାର୍ଯ୍ୟ ପାଇଁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିକାର ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ମଞ୍ଚ ପକ୍ଷରୁ ଜନ ଆନ୍ଦୋଳନ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ମଞ୍ଚ ସଭାପତି ସୁରେନ୍ଦ୍ର ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ପି.ସି. ନାଥ, ସମ୍ପାଦକ ପ୍ରଦୀପ ପଣ୍ଡା, କୋଷାଧ୍ୟକ୍ଷ ରଞ୍ଜନ ସାହୁ, ଅଖିଳ ମହାପାତ୍ର, କିଶୋର ଚନ୍ଦ୍ର ମିଶ୍ର, ଅନିଲ ଦାସ, ଜୟନ୍ତୀ ସେଠୀ, କୈଳାସ ବେହେରା, ଦାଶରଥୀ ବେହେରା, ଲଛମନ ବିଶ୍ୱାଳ, ଦିଲୀପ ବେହେରା, କୈଳାସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଘଣ୍ଟ ବାଦ୍ୟରେ କମ୍ପିଲା ବଇଣ୍ଡା


ମହିଳାପୁରୁଷମାନେ କଳସ ଯାତ୍ରାରେ ଯାଉଛନ୍ତି।

**ବଇଣ୍ଡା,୩।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମରେ ବୁଧବାର ରାଧାକୃଷ୍ଣ ଓ ଶିବ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ମନ୍ଦିର ନିର୍ମାଣ ହେଉଥିବା ଜମି ମଣ୍ଡପ ନିକଟରେ ପ୍ରଥମେ ରୀତିନୀତି ଅନୁସାରେ ପୂଜା କରାଯିବା ପରେ ଚନ୍ଦନ ପୋଖରୀରୁ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ୫ ଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ ସାମିଲ ହୋଇଥିଲେ। ଘଣ୍ଟବାଦ୍ୟ ସହ ନାମ ସଂକୀର୍ତ୍ତନରେ ପୂରା ଗ୍ରାମ କମ୍ପି ଉଠିଥିଲା। ସମସ୍ତେ କଳସ ଆଣି ପୂଜା ମଣ୍ଡପଠାରେ ସ୍ଥାପନ କରିବା ପରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ୮ ଜଣ କର୍ତ୍ତା ଭାବେ ବସିଥିବାବେଳେ ପୂଜକ ପୀତାମ୍ବର ଶତପଥୀ, ବିଭୁତି ଭୂଷଣ ପାଳ, ଶ୍ରୀନିବାସ ମିଶ୍ର, ଗୋପୀନାଥ ମିଶ୍ର, ଜଗତ ମୋହନ ମିଶ୍ର, ସଞ୍ଜୟ ଶତପଥୀ, ପ୍ରକାଶ ମିଶ୍ର, ତ୍ରିନାଥ ନନ୍ଦ ପ୍ରମୁଖ ପୂଜା କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବଇଣ୍ଡା ଫାଣ୍ଡି ପୋଲିସ ସହାୟତା କରିଥିଲା।

## ଚୋରା କୋଇଲା ଗାଡ଼ି ଜବତ, ୮ ଗିରଫ

**ଛେଣ୍ଡିପଦା,୩।୨(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ବାହାଲସାହି ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଗୋଳ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଓ ଛେଣ୍ଡିପଦା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୨ଟି କୋଇଲା ବୋଝେଇ ମିନି ଟ୍ରକ୍ ଜବତ କରାଯାଇଛି। ଏହି ଘଟଣାରେ ଛେଣ୍ଡିପଦା ଥାନା ନୂଆଗାଁର ଦୀନବନ୍ଧୁ ବେହେରା, ଅଞ୍ଚଳ ମହାରଣା, ଅଖିଳ ମହାରଣା, ଅଜୟ ବେହେରା, ବାହାଲସାହିର ନରୋତ୍ତମ ବେହେରା, ମାମୁରିଆର ପବିତ୍ର ମୋହନ ନାଏକ, ଅନୁଗୋଳ ଥାନା ବେଲସୁଣ୍ଡା ଗ୍ରାମର ମେଘ ଭୋଇ ଓ ଗଗନ ବେହେରାଙ୍କୁ ଗିରଫ କରାଯାଇଛି। ସେହିପରି ମିନିଟ୍ରକ୍‌କୁ ପାଇଲଟିଂରେ ସାହାଯ୍ୟ କରୁଥିବା ଏକ ବୋଲେରୋ ଓ ବାଇକ୍ ଜବତ କରାଯାଇଛି। ଜବତ ମିନିଟ୍ରକ୍‌ରେ ୧୩ ଟନ୍ କୋଇଲା ଥିବା ପୋଲିସ କହିଛି। ଏ ନେଇ ନଂ. ୫୯/୨୧ ଓ ୬୦/୨୧ରେ ମାମଲା ରୁଜୁ ହୋଇଛି।

## ଜୀବନବୀମା ଅଭିକର୍ତ୍ତା ସଂଘ ବୈଠକ

**ଢେଙ୍କାନାଳ ଅଫିସ, ୩।୨**

ଢେଙ୍କାନାଳ ଜିଲା ଜୀବନ ବୀମା ଶାଖା ଅଭିକର୍ତ୍ତା ସଂଘ ପକ୍ଷରୁ ବୁଧବାର ସପ୍ତଶଯ୍ୟାଠାରେ ଏକ ବୈଠକ ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିକର୍ତ୍ତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ସଂଘକୁ ମଜଭୁତ କରିବାକୁ ନିଷ୍ପତ୍ତି ହୋଇଥିଲା। ସମସ୍ୟାର ସମାଧାନ ସମ୍ପର୍କରେ ଶାଖା ପରିଚାଳକ ଓ ବରିଷ୍ଠ ମଣ୍ଡଳ ପରିଚାଳକଙ୍କୁ ଜଣାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ତ୍ରୁଟି ବିଚ୍ୟୁତି ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସଂଘ ବାଧ୍ୟ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ସଭାରେ କଟକ ମଣ୍ଡଳ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ସମ୍ପାଦକ ଗୋବର୍ଦ୍ଧନ ପଣ୍ଡା, ମଣ୍ଡଳ ଉପସଭାପତି ହରେକୃଷ୍ଣ ସାହୁ, ଢେଙ୍କାନାଳ ସଂଘ ସମ୍ପାଦକ ସୁଧୀର କୁମାର ସାହୁ, ଉପସଭାପତି ମିହିର କୁମାର ଶତପଥୀ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଭୂୟାଁ, ସଦାଶିବ ସାହୁ, ବିଶ୍ୱନାଥ ରାଉତ, ଅମ୍ବୁଜ ସାହୁ ଏବଂ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜୀବନବୀମା ଅଭିକର୍ତ୍ତାଙ୍କ ବୈଠକ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା

**କଣିହାଁ,୩।୨(ଡି.ଏନ.ଏ.)**

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶେଖର ସ୍ୱାଇଁ ବୁଧବାର କଣିହାଁ ବ୍ଲକ ଗସ୍ତ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗ୍ରାମରେ ହେଉଥିବା ଜନକଲ୍ୟାଣ ଯୋଜନାର ସମୀକ୍ଷା କରିବା ସହ ଉପଯୁକ୍ତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ହନୁମାନପୁର, ଶୁଶୁବା ଓ ବୁରୁକୁନା ପଞ୍ଚାୟତକୁ ଯାଇ ମଡେଲ ପୋଖରୀ ଓ ଗ୍ରାମାଞ୍ଚଳ ପାର୍କ କାର୍ଯ୍ୟ ବୁଲି ଦେଖିଥିଲେ। ବଜ୍ରକୋଟଠାରେ ନିର୍ମାଣାଧୀନ କଲ୍ୟାଣମଣ୍ଡପ କାର୍ଯ୍ୟର ଯାଞ୍ଚ କରିଥିଲେ। ତୁରନ୍ତ କାର୍ଯ୍ୟଶେଷ କରିବା ସହିତ ଅର୍ଥ ଠିକ୍ ଭାବେ ବିନିଯୋଗ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବିଡିଓ ରମେଶ କୁମାର ଜେନା, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ବେହେରା, କନିଷ୍ଠ ଯନ୍ତ୍ରୀ ଦେବବ୍ରତ ମହାପାତ୍ର, ସଂଗ୍ରାମ କେଶରୀ ଦେବତା, ଘନଶ୍ୟାମ ପଟେଲଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


କଣିହାଁ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟର ତଦାରଖ କରୁଛନ୍ତି ଜିଲାପାଳ।

## ୨୫ରୁ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା

**ଢେଙ୍କାନାଳ ଅଫିସ, ୩।୨**

ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳାକୁ ମିଳିଛି ପ୍ରଶାସନିକ ଅନୁମତି। କୋଭିଡ୍ କଟକଣା ମଧ୍ୟରେ ଫେବୃୟାରୀ ୨୫ରୁ ୨୭ ତାରିଖ ଯାଏ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କରୋନାଜନିତ ଗାଇଡ୍ ଲାଇନ ଅନୁପାଳନ କରି ମେଳାକୁ ଶୃଙ୍ଖଳିତ ଭାବେ ସମାପନ କରିବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶାର ଏକମାତ୍ର ନିଜସ୍ୱ ଧର୍ମ ତଥା ଢେଙ୍କାନାଳ ଜିଲାର ପରିଚୟ ମହିମା ଧର୍ମର ପ୍ରମୁଖ ପର୍ବ ମଧ୍ୟରେ ମାଘମେଳା ଅନ୍ୟତମ। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ବୁଧବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ଜିଲାରେ କରୋନା ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି। ଯେହେତୁ ମେଳାକୁ ବିଭିନ୍ନ ସ୍ଥାନରୁ ଭକ୍ତ, ଶ୍ରଦ୍ଧାଳୁ, ସାଧୁସନ୍ୟାସୀଙ୍କ ସମାଗମ ହେବ, ତେଣୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଚଳିତବର୍ଷ ଦୋଳି, ଅପେରା, ସିନେମା, କଣ୍ଢେଇ ନାଚ ସମେତ ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ନିଷେଧ କରାଯାଇଛି। ୨୭ ତାରିଖରେ ଦିନକ ପାଇଁ ମହିମା ମହୋତ୍ସବ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁମାନେ ମାସ୍କ, ସାମାଜିକ ଦୂରତ୍ୱ ନିୟମ ପାଳନ କରିବା ସହ ପରିଷ୍କାର ପରିଚ୍ଛନ୍ନ ପ୍ରତି ବିଶେଷ ଦୃଷ୍ଟି ଦେବେ। ଶୂନ୍ୟ ମନ୍ଦିର ବେଢ଼ାକୁ ପର୍ଯ୍ୟାୟକ୍ରମେ ୫୦ଜଣ ଦର୍ଶନାର୍ଥୀଙ୍କୁ ପ୍ରବେଶ ଅନୁମତି ମିଳିବ। ସେମାନେ ସର୍ବାଧିକ ୧୦ମିନିଟ୍ ରହିପାରିବେ। ସୀମିତ ସଂଖ୍ୟକ ଦୋକାନ ଖୋଲିବ। ବାହାର ଜିଲାରୁ ଆସୁଥିବା ମହିମା ଧର୍ମାବଲମ୍ବୀ, ଅନୁଗାମୀ, ବ୍ୟବସାୟୀ ଏବଂ ଗାଦି ମନ୍ଦିରରେ ରହୁଥିବା ଅନ୍ତେବାସୀଙ୍କ ୨୪ ତାରିଖ ସୁଦ୍ଧା ଆଣ୍ଟିଜେନ୍ ଟେଷ୍ଟ କରାଯିବ। ୨୫ ତାରିଖ ପରଠାରୁ ବାହାରୁ ଆସୁଥିବା ସନ୍ଦିଗ୍ଧ ଅସୁସ୍ଥଙ୍କ ଅନୁରୂପ ପରୀକ୍ଷା କରାଯିବ। ବହିରାଗତମାନେ ୭ଦିନ ମଧ୍ୟରେ ହୋଇଥିବା କରୋନା ନଗେଟିଭ୍ ରିପୋର୍ଟ ସାଙ୍ଗରେ ଆଣିବେ। ଚିହ୍ନଟ ପଜିଟିଭ୍‌ଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖି ଚିକିତ୍ସା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଗଁଦିଆ ବିଡିଓ, ଯୋରନ୍ଦା ସରପଞ୍ଚ, ସ୍ଥାନୀୟ ଜନପ୍ରତିନିଧି ଶାନ୍ତିଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା ଉପରେ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ପାନୀୟଜଳ ଯୋଗାଣ, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, କୂଅ ଓ ପୋଖରୀ ବିଶୋଧନ, ମୋବାଇଲ ଟଏଲେଟ୍, ଅସ୍ଥାୟୀ ଶୌଚାଳୟ, ସ୍ୱାସ୍ଥ୍ୟ ଶିବିର, ଗାଡ଼ି ପାଇଁ ପାର୍କିଂ ବ୍ୟବସ୍ଥା, ଯାନବାହନ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ଆଦି ବିଷୟରେ ଆଲୋଚନା ହୋଇଛି। ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ମେଳାର ବିବରଣୀ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଡିଏଫ୍‌ଓ ଡ. ପ୍ରକାଶଚାନ୍ଦ ଗୋଗିନେନି, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ ମାଝି, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀଯନ୍ତ୍ରୀ ସୁରେନ୍ଦ୍ର ବେହେରା, ବିଡିଓ ଶିବଶଙ୍କର ମିଶ୍ର, ଆପାତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ଗୋଇନ୍ଦା ଡିଏସ୍‌ପି ଯୋଗେଶ୍ୱର ଓରାମ, ସରପଞ୍ଚ ପ୍ରଶାନ୍ତ ରାଉତ, ମହିମା ସନ୍ୟାସୀ ରଘୁନାଥ ବାବା, ବିଜୟ ଦାସ, ଇନ୍ଦ୍ରମଣି ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।


ପ୍ରସିଦ୍ଧ ଯୋରନ୍ଦା ମାଘ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ।

- ସାଂସ୍କୃତିକ କାର୍ଯ୍ୟକ୍ରମ ନିଷେଧ
- ଦିନକ ପାଇଁ ମହିମା ମହୋତ୍ସବ
- ଶୂନ୍ୟ ମନ୍ଦିର ବେଢ଼ାକୁ ଥରକେ ୫୦ ଜଣଙ୍କୁ ଅନୁମତି
- କୋଭିଡ୍ ପରୀକ୍ଷା ହେବ

